# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୮୯ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୪୫ ତାରିଖ: ୦୭.୧୧.୨୦୨୫

## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୧.୧୧.୨୦୨୫ ରୁ ୦୭.୧୧.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ |
| ସୋନପୁର | 32 | 31 | 32 | 31 | 31 | 31 | 31 | 24 | 23 | 22 | 21 | 20 | 20 | 20 | 0.5 | 0.0 | 0.0 | 0.0 | 0.0 | 0.0 | 0.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୮-୧୧-୨୦୨୫ | ୦୯-୧୧-୨୦୨୫ | ୧୦-୧୧-୨୦୨୫ | ୧୧-୧୧-୨୦୨୫ | ୧୨-୧୧-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 31 | 30 | 30 | 30 | 30 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 19 | 19 | 18 | 18 | 18 |
| ମେଘ ଆବରଣ (ଓକଟା) | 2 | 1 | 2 | 2 | 2 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 74 | 68 | 63 | 63 | 65 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 40 | 37 | 31 | 32 | 30 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 3 | 4 | 4 | 2 | 3 |
| ପବନର ଦିଗ (ଡିଗ୍ରୀ) | 32 | 315 | 304 | 252 | 240 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ବହୁତ କମ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ମୁଖ୍ୟତଃ କିମ୍ବା ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ୧ ରୁ ୨ ଡିଗ୍ରୀ ସେ. ହ୍ରାସ ଦେଖାଯିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାରେ ହ୍ରାସ ଦେଖାଯିବା ସହିତ ୨ ରୁ ୪ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଚାଷୀଭାଇମାନେ ଠିଆ ଫସଲ (ଅଂଗିୟ ଅବସ୍ଥା ରୁ ଫଳ ଅବସ୍ଥା) କ୍ଷେତରେ ପର୍ଯ୍ୟାପ୍ତ ମାଟି ଆର୍ଦ୍ରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଅଛି କାରଣ ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନା କମ ଅଛି ।
- ଆଗାମୀ ଦିନରେ ଶୁଖିଲା ପାଗ ସହିତ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ଅଧିକ ରହିଅଛି, ତେଣୁ ଚାଷୀମାନଙ୍କୁ ନିଜ ଫସଲକୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ବାରମ୍ବାର ହାଲୁକା ଜଳସେଚନ / ସିଞ୍ଚା ଜଳସେଚନ କରିବାକୁ ପରାମର୍ଶ ଦିଆଯାଉଛି ।
- ପୂର୍ବ ଦିନଗୁଡିକରେ ଥିବା ପାଗପାଗ ଯୋଗୁଁ ଆଗକୁ ରୋଗ ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇପାରେ । ରୋଗ ଏବଂ କୀଟପତଙ୍ଗର ପ୍ରାଦୁର୍ଭାବ ଜାଣିବା ପାଇଁ ନିୟମିତ ଭାବରେ କ୍ଷେତ ପରିଦର୍ଶନ କରନ୍ତୁ ଏବଂ ଯଦି ଦରକାର ପଡ଼େ ତେବେ ତୁରନ୍ତ ଆବଶ୍ୟକତା ଭିତ୍ତିକ କୀଟ ପରିଚାଳନା ପଦକ୍ଷେପ ନିଅନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଆଗାମୀ ଶୁଖିଲା ପାଗକୁ ଦୃଷ୍ଟିରେ ରଖି, ପାଚିଲା ଅବସ୍ଥାରେ ଥିବା ଧାନ ଏବଂ ଅଣଧାନ ଫସଲ ଅମଳ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ପରିପକ୍ୱ ଅବସ୍ଥା / ଅମଳ | • ଧାନ ଫସଲର ୮୦ ରୁ ୮୫ ପ୍ରତିଶତ ଶସ୍ୟ ପରିପକ୍ୱ ହେଲେ ଅମଳ କରିବାକୁ ପରାମର୍ଶ ଦିଆଯିବା ଉଚିତ । ଅମଳ କାର୍ଯ୍ୟ ହାତ ଦ୍ୱାରା କିମ୍ବା ଏହା ପାଇଁ କମ୍ବାଇନ୍ ହାର୍ଭେଷ୍ଟର କିମ୍ବା ରିପର୍ ବ୍ୟବହାର କରିପାରିବେ ।<br>• ଅମଳ ପରେ ଖାଦ୍ୟ ପାଇଁ ଶସ୍ୟକୁ ୧୪% ଆର୍ଦ୍ରତା ପର୍ଯ୍ୟନ୍ତ ସୂର୍ଯ୍ୟକିରଣରେ ଶୁଖାଯିବା ଆବଶ୍ୟକ ଏବଂ ବିହନ ପାଇଁ ଏହାକୁ ୧୨% ଆର୍ଦ୍ରତା ପର୍ଯ୍ୟନ୍ତ ଶୁଖାଯିବା ଉଚିତ ଯାହା ଦ୍ୱାରା ଫସଲକୁ ଅଧିକ ଦିନ ଯାଏ ଭଲ ଭାବରେ ରଖାଯାଇପାରିବ । |
| ସୋରିଷ ଓ ତୋରିଆ | ପ୍ରଭେଦ ଚୟନ / ବୁଣା ଅବସ୍ଥା | • ପୁସା ବୋଲ୍ଡ, ବିନୟ, ପୁସା ବାହାର, ବରୁଣ, ପୁସା ଜୟକିସାନ, ଜେ.ଡି-୬, ତୋରିଆ- ଏମ୍ ୨୯, ଅନୁରାଧା, ପାର୍ବତୀ ଭଳି ଉପଯୁକ୍ତ କିସମ ବ୍ୟବହାର କରନ୍ତୁ ।<br>• ଏକର ପ୍ରତି ୩ ରୁ ୪ କିଲୋ ବିହନ ଦରକାର ପଡ଼ିଥାଏ । ଭଲ ଅମଳ ପାଇଁ ଯଦି ସମ୍ଭବ ହୁଏ ଧାଡ଼ିରେ ବୁଣିବା ଉଚିତ । ଧାଡ଼ି କୁ ଧାଡ଼ି ୩୦ ରୁ ୪୫ ସେ.ମି. ଓ ଗଛ କୁ ଗଛ ୧୦ ସେ.ମି. ଦୂରତାରେ ବୁଣିଲେ ଭଲ । |
| ଚିନାବାଦାମ | ପ୍ରଭେଦ ଚୟନ / ବୁଣା ଅବସ୍ଥା | • ଉନ୍ନତ ଚିନାବାଦାମ କିସମ ଯେପରିକି ଟି.ଏ.ଜି. -୨୪, ଟି.ଜି.-୩, ଟି.ଜି.-୩୮, କାଦରି-୫,୬,୯, ସି.ଓ.-୭, ଦେବୀ ଇତ୍ୟାଦି ୧୦୦ ରୁ ୧୩୦ ଦିନିଆ କିସମକୁ ବ୍ୟବହାର କରିପାରିବେ ।<br>• ବୁଣିବା ପୂର୍ବରୁ ବିହନ ବିଶୋଧନ ନିଶ୍ଚୟ କରନ୍ତୁ ଏବଂ ବିଶୋଧନର ୭ ଦିନ ପରେ ଜୀବାଣୁ ବା ଫସଫୋ-କଲଚରର ଉପଚାର କରନ୍ତୁ । ଗୋଟେ ଏକରରେ ୪୦ ରୁ ୫୦ କିଲୋ ଛଡା ବା ୬୦ ରୁ ୭୦ କିଲୋ ଅଛଡା ବିହନ ଦରକାର ହୋଇଥାଏ । ବିହନ ଛଡେଇବାର ୨ ରୁ ୩ ଦିନ ମଧରେ ବୁଣାଯିବା ଉଚିତ । |
| ବିଲାତି ବାଇଗଣ (ଟମାଟର୍) | ନର୍ସରୀ ତଳି ଘେରା ପ୍ରସ୍ତୁତି / ଚାରା ଅବସ୍ଥା / ରୋପଣ | • ୩ ମିଟର ଲମ୍ବ, ୧ ମିଟର ପ୍ରସ୍ଥ ଏବଂ ୧୫ ରୁ ୨୦ ସେମି ଉଚ୍ଚତାର ଏକ ନର୍ସରୀ ବେଡ୍ ପ୍ରସ୍ତୁତ କରନ୍ତୁ ଏବଂ ସେଥିରେ ୧୫ ରୁ ୩୦ କିଲୋ ଭଲ ଭାବରେ ପଚିଯାଇଥିବା ଗୋବର ଖତ ପ୍ରୟୋଗ କରନ୍ତୁ ଏବଂ ବୁଣିବାର ସାତ ଦିନ ପୂର୍ବରୁ ଆଗକୁ ପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରତ୍ୟେକ ନର୍ସରୀ ବେଡ୍ ରେ ୧୫୦ ଗ୍ରାମ କ୍ଲୋରପାଇରିଫସ୍ ଗୁଣ୍ଡ ବ୍ୟବହାର କରନ୍ତୁ ।<br>• ବିଭିନ୍ନ କୀଟ ଏବଂ ରୋଗ ବିରୁଦ୍ଧରେ ଚାରାଗୁଡ଼ିକୁ ନିରୀକ୍ଷଣ କରନ୍ତୁ ଏବଂ ଟମାଟୋ କ୍ଷେତରେ ୬୦ ସେମି × ୪୫ ସେମି ବ୍ୟବଧାନରେ ସୁସ୍ଥ ଚାରାଗୁଡ଼ିକର ରୋପଣ କାର୍ଯ୍ୟ ଆରମ୍ଭ କରିଦିଅନ୍ତୁ । |
| ଗୋରୁ ଗାଈ ଓ ମଇଷି | • ଆଗାମୀ ଦିନରେ ସର୍ବନିମ୍ନ ତାପମାତ୍ରା ହ୍ରାସକୁ ଦୃଷ୍ଟିରେ ରଖି, ପଶୁମାନଙ୍କୁ ରାତିରେ ଗୁହାଳ ଭିତରେ ରଖିବା ଉଚିତ ଏବଂ ଥଣ୍ଡାରୁ ରକ୍ଷା କରିବା ପାଇଁ ଶୁଖିଲା ବିଛଣା ଯୋଗାଇବା କିମ୍ବା ଶୀତ ବସ୍ତ୍ର ଦ୍ବାରା ଆଚ୍ଛାଦନ କରିବାର ଉଚିତ ବ୍ୟବସ୍ଥା କରନ୍ତୁ ।<br>• ଶୀତ ଋତୁରେ ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ଖାଦ୍ୟରେ ନିୟମିତ ଭାବରେ ଲୁଣ ସହିତ ଖଣିଜ ମିଶ୍ରଣ ଏବଂ ଗହମ ଦାନା, ଗୁଡ଼ ଇତ୍ୟାଦିକୁ ୧୦ ରୁ ୨୦% ଦୈନିକ ରାସନ ହିସାବରେ ଖାଇବାକୁ ଦିଅନ୍ତୁ । | |
| କୁକୁଡ଼ା ପାଳନ | • କୁକୁଡ଼ା ପାଳନରେ, କୁକୁଡ଼ା ଫାର୍ମରେ କୃତ୍ରିମ ଆଲୋକ ଯୋଗାଇ କୁକୁଡ଼ା ଚିଆଁମାନଙ୍କୁ ଉଷ୍ମ ରଖନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ।